ଶନିବାର, ୩ ଡିସେମ୍ବର, ୨୦୨୨

# ପିଲାଙ୍କ ଧରିତ୍ରୀ



୭ ଜଣା ଅଜଣା
୮ ଆଇନା



# ଖିଲି ଖିଲି ହସ

ଶିକ୍ଷକ କ୍ଲାସ୍‌ରେ ପଢ଼ାଉଥିବା ସମୟରେ ପଚାରିଲେ- ପିଲାମାନେ! ୧୫ଟି ଫଳର ନାମ କୁହ ?
ଟିଲୁ- ସାର୍, ମୁଁ କହିବି।
ଶିକ୍ଷକ- କୁହ।
ଟିଲୁ: ଆମ୍ବ, ପିଜୁଳି, ଆତ
ଶିକ୍ଷକ: ବାକି ଫଳର ନାମ କୁହ।
ଟିଲୁ: ସାର୍ ଆଉ ଡଜନେ କଦଳୀ।

ସ୍କୁଲରେ ଇଂଲିଶ୍ କ୍ଲାସ୍ ଚାଲିଥିଲା। ପିଣ୍ଟୁ ଟିକେ ଡେରିରେ ପହଞ୍ଚିଲା। ଇଂଲିଶ୍ ଶିକ୍ଷକ କହିଲେ- ହ୍ୱାଇ ଆର୍ ୟୁ ସୋ ଲେଟ୍?
ପିଣ୍ଟୁ: ସାର୍,କ'ଣ ହେଲା ନା..
ଶିକ୍ଷକ: ସ୍ପିକ୍ ଇନ୍ ଇଂଲିଶ୍।
ପିଣ୍ଟୁ: ସାର୍, ମାଇଁ କାଇଟ୍ ଇଜ୍ ଫସିଙ୍ଗ ଇନ୍ ମଡ୍, ନୋ ହଲିଙ୍ଗ, ନୋ ଡୁଲିଙ୍ଗ ଓନ୍‌ଲି ଭୁର୍ ଭୁର୍ କରିଙ୍ଗ ...!

# ଅମୂଲ ମୂଲ୍ୟ

## ଗପ



ଥରେ ଜଣେ ରାଜା ଶିକାର କରିବା ନିମନ୍ତେ ଜଙ୍ଗଲକୁ ଯାଇଥାନ୍ତି। ଶିକାର କରୁ କରୁ ସନ୍ଧ୍ୟା ହୋଇଗଲା। ହଠାତ୍ ଆକାଶରେ କଳାହାଣ୍ଡିଆ ମେଘ ଘୋଟିଆସି ବର୍ଷିବାକୁ ଲାଗିଲା। ସୂର୍ଯ୍ୟ ଦେବତା ପଶ୍ଚିମ ଆକାଶରେ ଲୁଚିଗଲେଣି। ଧୀରେ ଧୀରେ ସାରା ଜଗତକୁ ଅନ୍ଧାର ମାଡ଼ିଆସୁଥାଏ। ରାଜା ଭୋକ ଶୋଷରେ ରାସ୍ତା ଭୁଲି ଗୋଟେ ଗଛତଳେ ବସି ପଡ଼ିଲେ। କେଉଁ ରାସ୍ତାରେ ଗଲେ ରାଜପ୍ରାସାଦ ପଡ଼ିବ ମନେମନେ ଚିନ୍ତା କରୁଥିବା ବେଳେ ତିନିଜଣ ବାଳକ ରାସ୍ତାରେ ଯାଉଥିବା ଦେଖି ରାଜା ସେମାନଙ୍କୁ ପାଖକୁ ଡାକି କହିଲେ-ପିଲାଏ! ଭୋକ ଶୋଷରେ ମୁଁ ଅଥୟ ହୋଇପଡ଼ିଛି, ରାସ୍ତା ବି ଭୁଲି ଯାଇଛି। ମୋତେ ଟିକେ ସାହାଯ୍ୟ କର।

ରାଜାଙ୍କର କରୁଣ ଅବସ୍ଥା ଦେଖି ତିନିଜଣ ବାଳକ ନିଜ ନିଜ ଘରକୁ ଦୌଡ଼ିଲେ। କିଛି ସମୟ ପରେ ଭୋଜନ ଓ ପାଣି ଆଣି ରାଜାଙ୍କୁ ଦେଲେ। ରାଜା ଭୋଜନ କରିବା ପରେ କହିଲେ- ପିଲାଏ! ମୁଁ ତୁମ ତିନି ଜଣକଠାରେ ଋଣୀ। ଯଦି କିଛି ଆବଶ୍ୟକ ଥାଏ ମୋତେ କୁହ ମୁଁ ତୁମକୁ ନିଶ୍ଚୟ ଦେବି। ରାଜାଙ୍କ ବଦାନ୍ୟତାରେ ପ୍ରଥମ ବାଳକ କହିଲା-ମହାରାଜ! ମୋର ବଙ୍ଗଳା, ଗାଡ଼ି, ଚାକର, ପୂଜାରୀ ଦରକାର। ସାରା ଜୀବନ କାମ ଧନ୍ଦା ନ କରି ଶାନ୍ତିରେ ରହିବି। ଦ୍ୱିତୀୟ ବାଳକ କହିଲା- ମହାରାଜ! ମୋର ବହୁତ ଟଙ୍କା, ସୁନା, ଆଭୂଷଣ ଦରକାର, ଯାହାଦ୍ୱାରା ମୁଁ ଏ ଦୁନିଆରେ ଜଣେ ଧନୀ ଭାବେ ଗଣାହେବି। ଶେଷରେ ତୃତୀୟ ବାଳକ କହିଲା-ମହାରାଜ! ମୋର ଧନସମ୍ପତ୍ତି କି ଗାଡ଼ିଘୋଡ଼ାରେ ଲୋଭ ନାହିଁ, ମୁଁ ଅଧିକ ପଢ଼ିବାକୁ ଚାହୁଁଛି।

ମହାରାଜା ତିନିଜଣଙ୍କ ଅଭିପ୍ରାୟକୁ ଶୁଣି କହିଲେ-ନିଶ୍ଚୟ ମୁଁ ତୁମ ତିନି ଜଣଙ୍କ ଇଚ୍ଛା ପୂରଣ କରିବି। ତା'ପରେ ସେ ରାଜପ୍ରାସାଦକୁ ଫେରି ପ୍ରଥମ ଓ ଦ୍ୱିତୀୟ ବାଳକଙ୍କୁ ବଙ୍ଗଳା, ଗାଡ଼ି, ଧନସମ୍ପତ୍ତି ଦେଲେ ଏବଂ ତୃତୀୟ ବାଳକଙ୍କୁ ବିଦ୍ୟା ଅଧ୍ୟୟନ ନିମନ୍ତେ ଆଶ୍ରମକୁ ପଠାଇଦେଲେ।

କିଛିବର୍ଷ ଅନ୍ତେ ତିନିଜଣ ବାଳକ ବଡ଼ ହୋଇଗଲେ। ଥରେ ସେଇ ରାଜ୍ୟରେ ପ୍ରବଳ ବର୍ଷା ହେତୁ ବନ୍ୟାଜଳ ମାଡ଼ିଆସିଲା। ସମସ୍ତଙ୍କ ଘରଦ୍ୱାର, ଟଙ୍କାପଇସା, ଗାଡ଼ି, ଘୋଡ଼ା ଏପରି କି ବହୁତ ଲୋକ ବନ୍ୟାଜଳରେ ଭାସିଗଲେ। ବନ୍ୟା ଛାଡ଼ିବା ପରେ ପ୍ରଥମ ଓ ଦ୍ୱିତୀୟ ଯୁବକ ପୂର୍ବପରି ଦାରିଦ୍ର୍ୟରେ ଜୀବନ ବିତାଇଲେ। କିନ୍ତୁ ତୃତୀୟ ଯୁବକ ବିଦ୍ୟା ଭଳି ଅମୂଲ୍ୟ ଜ୍ଞାନ ଅର୍ଜନ କରିସାରି ରାଜାଙ୍କ ନିକଟକୁ ଫେରି ଆସିଥାଏ। ରାଜା ତା' ଜ୍ଞାନରେ ମୁଗ୍ଧ ହୋଇ ରାଜ ଦରବାରରେ ନବରତ୍ନରେ ସ୍ଥାନିତ କରେଇଲେ।

ଥରେ ବିଦ୍ୱାନ ଯୁବକ ଓ ପୂର୍ବର ଦୁଇ ମିତ୍ରଙ୍କ ସହିତ ସାକ୍ଷାତ ହେଲା। ଦୁହେଁ ବିଦ୍ୱାନ ମିତ୍ରର ଖୁସି ରହିବାର କାରଣ ପଚାରିବାରୁ ସେ କହିଲା- ତୁମେ ଦୁହେଁ ରାଜାଙ୍କୁ ବଙ୍ଗଳା,ଗାଡ଼ି, ଧନସମ୍ପତ୍ତି ମାଗିଲ, ଯାହା ଚିରସ୍ଥାୟୀ ନୁହେଁ, ଦିନେ ସମାପ୍ତ ହେବ। ପ୍ରତିବଦଳରେ ମୁଁ ବିଦ୍ୟା ଭଳି ମହାଧନ ମାଗିଥିଲି, ଯାହା ଅମୂଲ ମୂଲ୍ୟ ହୋଇ ସାରା ଜୀବନ ମୋ ସହିତ ରହିବ।

**-ସୁଧାଂଶୁ ଶେଖର ଦ୍ୱିବେଦୀ**
ବିସି-୭୪, ସଲ୍ଟ ଲେକ, କୋଲକାତା
ମୋ-୯୮୩୧୭୩୫୧୨

# ମତାମତ

❖ 'ଆଇନା' ସ୍ତମ୍ଭରେ ଦୁଇ କୁନି ଝିଅଙ୍କ ଫଟୋ ଆକର୍ଷଣୀୟ ହୋଇଛି।
**-ରାମେଶ୍ୱର ପରିଡ଼ା,** ଭଞ୍ଜନଗର, ଗଞ୍ଜାମ

❖ ପ୍ରଚ୍ଛଦ ପ୍ରସଙ୍ଗ 'ବିଜ୍ଞାନ ପଥେ' ବେଶ୍ ଶିକ୍ଷଣୀୟ ହୋଇପାରିଛି। ପିଲାମାନେ ସେମାନଙ୍କର ବିଜ୍ଞାନ ରୁଚି ବଢ଼ାଇବା ପାଇଁ ତାଙ୍କର ନିତିଦିନିଆ କାର୍ଯ୍ୟରେ କିପରି ବିଜ୍ଞାନକୁ ପ୍ରାକ୍ଟିକାଲ୍ ମାଧ୍ୟମରେ ବ୍ୟବହାର କରନ୍ତି ସେ ବିଷୟରେ ଚମତ୍କାର ଭାବରେ ବର୍ଣ୍ଣନା ହୋଇଛି।
**-ରାଜଶ୍ରୀ ହୋତା,** ପାତ୍ରପଡ଼ା, ଭୁବନେଶ୍ୱର

❖ 'ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ ସ୍ତମ୍ଭ'ରେ ପ୍ରକାଶିତ 'କୁନି ଆଇନଷ୍ଟାଇନ'ଙ୍କ ବିଷୟରେ ପଢ଼ି ଆଶ୍ଚର୍ଯ୍ୟ ହେଲି।
**-ବିଜୟଲକ୍ଷ୍ମୀ ସିଂ,** ଦାମନଯୋଡ଼ି, କୋରାପୁଟ

❖ 'କହିଲ ଦେଖି' ମାଣବସା ସମ୍ପର୍କିତ ହୋଇଥିବାରୁ ପଢ଼ିବାକୁ ଭଲ ଲାଗିଲା।
**-ମନମୋହନ ପ୍ରଧାନ,** କାମାକ୍ଷାନଗର, ଢେଙ୍କାନାଳ

## ରଙ୍ଗ ଦିଅ



# ପାଣି ବୋତଲ



ପାଣି ବୋତଲ ଆମର ନିତ୍ୟ ବ୍ୟବହାର୍ଯ୍ୟରେ ଆସିଥାଏ। ତେବେ ଏହାର ବ୍ୟବହାର କିପରି ଏବଂ କେଉଁଠି ଆରମ୍ଭ ହୋଇଥିଲା ସେ ସମ୍ପର୍କରେ କିଛି ରୋଚକ କଥା...

➲ ଅଷ୍ଟାଦଶ ଶତାବ୍ଦୀ ମଧ୍ୟଭାଗରେ ପାଣି ବୋତଲକୁ ଔଷଧ ଟନିକ୍ ବୋତଲ ଭାବରେ ବ୍ୟବହାର କରାଯାଉଥିଲା। ପ୍ରାକୃତିକ ଉତ୍ସରୁ ସଂଗୃହୀତ ଏହି ପାଣିକୁ ବୋତଲରେ ଭର୍ତ୍ତି କରାଯାଇ ରଖାଯାଉଥିଲା। ଲୋକମାନେ ଉକ୍ତ ପ୍ରାକୃତିକ ଉତ୍ସରେ ଗାଧୋଇବା ସହ ପାନୀୟ ପାଇଁ ସେହି ପାଣି ବ୍ୟବହାର କରୁଥିଲେ। ତେବେ ସେ ସମୟରେ ଏହାର ଦାମ୍ ଏତେ ଅଧିକ ଥିଲା ଯେ, ସମସ୍ତେ ସେହି ପାଣିକୁ କିଣିପାରୁ ନ ଥିଲେ।

➲ ୧୬୨୨ ମସିହାରେ ଇଂଲଣ୍ଡରେ ହୋଲି ୱେଲ୍ ବଟଲିଂ ପ୍ଲାଣ୍ଟ ପାଣି ବୋତଲରେ ରଖି ବିକ୍ରି କରିବା ଆରମ୍ଭ କଲା। ସେହି ପର୍ଯ୍ୟନ୍ତ ମଧ୍ୟ ଏହାକୁ ଔଷଧୀୟ ଭାବେ ବ୍ୟବହୃତ କରାଯାଉଥିଲା।

➲ ୧୭୬୭ ମସିହାରେ ନିତ୍ୟ ବ୍ୟବହାର୍ଯ୍ୟ ପାଇଁ ଆମେରିକାରେ ପାଣି ବୋତଲ ବିକ୍ରି ହେବା ଆରମ୍ଭ ହୋଇଥିଲା। ଜ୍ୟାକସନ୍ସ ସ୍ପା କମ୍ପାନୀ ଦ୍ୱାରା ଲୋକମାନଙ୍କୁ ପାଣି ବୋତଲ ବିକ୍ରି କରାଗଲା।

➲ ବର୍ତ୍ତମାନ ଭାରତର ୧୫୦ଟି ନିଜସ୍ୱ କମ୍ପାନୀ ଦ୍ୱାରା ପାନୀୟ ଜଳ ଯୋଗାଣ କରାଯାଉଛି।

➲ ଭାରତରେ ପାଣି ବୋତଲ ବ୍ୟବସାୟ ବିସ୍‌ଲେରି ପ୍ରଥମେ ଆରମ୍ଭ କରିଥିଲା। ୨୫ବର୍ଷ ପୂର୍ବରୁ ପାର୍ଲେ ଭାରତୀୟ କମ୍ପାନୀ ଦ୍ୱାରା ବିସ୍‌ଲେରି ବୋତଲ ବିକ୍ରି ହୋଇଥିଲା।

➲ ଭାରତରେ ପାଣି ବୋତଲ ବ୍ୟବସାୟ ୩ ପ୍ରକାରର ହୋଇଥାଏ। ଯଥା-ପ୍ରିମିୟମ ନାଚୁରାଲ ମିନେରାଲ ୱାଟର, ନାଚୁରାଲ ମିନେରାଲ ୱାଟର, ପ୍ୟାକେଜ୍ ଡ୍ରିଙ୍କିଂ ୱାଟର୍।

➲ ତେବେ ଅଧିକାଂଶ ପ୍ଲାଷ୍ଟିକ୍ ବୋତଲ ତିଆରି ପାଇଁ ପଲିଏଥିଲେନ୍ ଟେରିପାଥେଲେଟ୍ ପ୍ଲାଷ୍ଟିକ ବ୍ୟବହାର କରାଯାଏ। ସାଧାରଣତଃ ଏହା ହାଲୁକା, ସ୍ୱଚ୍ଛ ଏବଂ ପାଣିକୁ ଗଚ୍ଛିତ ରଖିବାରେ ସହାୟକ ହୋଇଥାଏ।

➲ ପ୍ଲାଷ୍ଟିକ୍ ବୋତଲରେ ଅଧିକ ଦିନ ଯାଏ ପାଣି ରହିବା ଦ୍ୱାରା ପ୍ଲାଷ୍ଟିକରେ ଥିବା ରାସାୟନିକ ପଦାର୍ଥ ପାଣିରେ ମିଶିଥାଏ। ଯାହା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ।


➲ ବିଶେଷ କରି ପ୍ଲାଷ୍ଟିକ୍ ବୋତଲ ତିଆରି କରିବା ସମୟରେ ବିସ୍‌ଫେନଲ୍ ଏ(ବିପିଏ) ରାସାୟନିକ ପଦାର୍ଥ ମିଶାଯାଇଥାଏ। ଏହି ବିପିଏ ସଂସ୍ପର୍ଶରେ ଆସିବା ଦ୍ୱାରା ଛୋଟପିଲାଙ୍କର ମସ୍ତିଷ୍କ ଉପରେ ପ୍ରଭାବ ପକାଇବା ସହ ରକ୍ତଚାପ, ଟାଇପ୍ ୨ ମଧୁମେହ ଏବଂ ହୃଦ୍‌ରୋଗର ଆଶଙ୍କା ବଢ଼ାଇଥାଏ।

ଦିଗନ୍ତ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com



# ରହସ୍ୟମୟ ସୌରଜଗତ

''ସୌରଜଗତରେ ଏକ ରହସ୍ୟମୟ ଅଞ୍ଚଳ ହେଉଛି 'ଉର୍ଟ ବାଦଲ'। ଏହା ସୂର୍ଯ୍ୟଠାରୁ ଦୁଇ ହଜାରରୁ ଏକ ଲକ୍ଷ ଜ୍ୟୋତିର୍ବିଦ୍ୟାୟ ଏକକ ଦୂରତାରେ ଅବସ୍ଥିତ। ଅତ୍ୟଧିକ ଥଣ୍ଡା ଯୋଗୁ ଏଠାରେ ଅଛି ଅନେକ ବରଫ ବସ୍ତୁପିଣ୍ଡ। ତଥାପି ଏହି ସ୍ଥାନ ରହସ୍ୟାବୃତ ହୋଇରହିଛି...

ଇଂ.ମାୟାଧର ସ୍ୱାଇଁ


ସୂର୍ଯ୍ୟ ଏହାର ଆଠଟି ଗ୍ରହ, ପାଞ୍ଚଟି ବାମନ ଗ୍ରହ, ଅନେକ ଉପଗ୍ରହ, ଗ୍ରହାଣୁ, ଧୂମକେତୁ ଆଦିକୁ ନେଇ ସୌରଜଗତ ଗଠିତ। ସୂର୍ଯ୍ୟ ଚାରିପଟେ ଅନ୍ୟ ବସ୍ତୁପିଣ୍ଡଗୁଡ଼ିକ ଘୂରି ଥାଆନ୍ତି। ସୂର୍ଯ୍ୟର ଜନ୍ମ ପ୍ରାୟ ୫୦୦ କୋଟି ବର୍ଷ ପୂର୍ବେ ଗ୍ୟାସୀୟ ବାଦଲ ସଂଯୋଗରୁ ହୋଇଛି। ଏଥିରେ ଥିବା ଉଦ୍‌ଜାନ ନାଭିକୀୟ ସଂଯୋଜନ ପ୍ରକ୍ରିୟାରେ ହିଲିୟମ୍‌ରେ ପରିଣତ ହୋଇ ପ୍ରଚୁର ଶକ୍ତି ଉତ୍ପାଦିତ ହୋଇଥାଏ। ଆମେ ପାଉଥିବା ଆଲୋକ ଓ ଉତ୍ତାପ ଏହି ଶକ୍ତିରୁ ଜାତ ହୋଇଥାଏ।


ସୂର୍ଯ୍ୟଠାରୁ ଦୂରତା କ୍ରମରେ ଗ୍ରହଗୁଡ଼ିକ ହେଉଛି ବୁଧ, ଶୁକ୍ର, ପୃଥିବୀ, ମଙ୍ଗଳ, ବୃହସ୍ପତି, ଶନି, ୟୁରାନ୍ସ ଓ ନେପଚୁନ୍। ସବୁଠାରୁ କ୍ଷୁଦ୍ର ଗ୍ରହ ହେଉଛି ବୁଧ ଏବଂ ବୃହତ୍ତମ ଗ୍ରହ ହେଉଛି ବୃହସ୍ପତି। ପ୍ରଥମ ଚାରି ଗ୍ରହ ମାଟି ଓ ପଥରରେ ଗଠିତ ହୋଇଥିବା ବେଳେ ଶେଷ ଚାରି ଗ୍ରହ ଗ୍ୟାସ୍‌ରୁ ଗଠିତ। ଶନି ଗ୍ରହର ଏକ ବୃହତ୍ ବଳୟ ଅଛି। ଏଣୁ ଏହାକୁ 'ବଳୟ ଗ୍ରହ' କୁହାଯାଏ। ଅସଂଖ୍ୟ ସୂକ୍ଷ୍ମ କଣିକାରୁ ବଳୟ ଗଠିତ ହୋଇଛି।


ମଙ୍ଗଳ ଓ ବୃହସ୍ପତି କକ୍ଷ ମଝିରେ ପାଞ୍ଚ ହଜାରରୁ ଅଧିକ ଗ୍ରହାଣୁ ଅଛନ୍ତି। ଅନୁମାନ କରାଯାଉଛି, ଗୋଟିଏ ଗ୍ରହ ଭାଙ୍ଗିଯାଇ ଏଗୁଡ଼ିକ ସୃଷ୍ଟି ହୋଇଛି। ଏଥିମଧ୍ୟରୁ କେତେକ ଗ୍ରହାଣୁ ପୃଥିବୀ କକ୍ଷର ନିକଟରେ ଅଛନ୍ତି। ସେଥିମଧ୍ୟରୁ କେତେକର ପୃଥିବୀ ସହ ଧକ୍କା ହେବାର ସମ୍ଭାବନା ଅଛି। ଏପରି ହେଲେ ପୃଥିବୀର ଅନେକ କ୍ଷତି ହେବ। ଜଣାଯାଇଛି ଯେ, ଆଜକୁ ୬୫ ନିୟୁତ ବର୍ଷ ପୂର୍ବେ ଏହିପରି ଏକ ଗ୍ରହାଣୁ ସହ ପୃଥିବୀର ଧକ୍କା ହୋଇ ପୃଥିବୀରେ ଥିବା ଡାଇନେସୋର ବଂଶ ଲୋପ ପାଇଗଲା। ସେହିପରି ୧୯୦୮ ମସିହାରେ ରୁଷିଆର ତୁଙ୍ଗୁସ୍କାଠାରେ ମଧ୍ୟ ଏକ ଗ୍ରହାଣୁ ପଡ଼ି ଅନେକ କ୍ଷତି ହୋଇଥିଲା। ସୌରଜଗତର ଦୂରତମ ଗ୍ରହ ହେଉଛି ନେପଚୁନ୍। ଏହି ଗ୍ରହ ସୂର୍ଯ୍ୟଠାରୁ ୩୦ ଜ୍ୟୋତିର୍ବିଦ୍ୟାୟ ଏକକ ବା ୪୫୦ କୋଟି କି.ମି. ଦୂରରେ ଅବସ୍ଥିତ। ପୃଥିବୀଠାରୁ ସୂର୍ଯ୍ୟର ଦୂରତାକୁ ଏକ 'ଜ୍ୟୋତିର୍ବିଦ୍ୟାୟ ଏକକ' କୁହାଯାଏ। କିନ୍ତୁ ନେପଚୁନ୍ ପାଖରେ ସୌରଜଗତର ଶେଷ ହୋଇନାହିଁ। ଏହା ଆହୁରି ଅନେକ ଦୂର ପର୍ଯ୍ୟନ୍ତ ବ୍ୟାପିଛି। ନେପଚୁନ୍ ପରେ ସୂର୍ଯ୍ୟଠାରୁ ୩୦ରୁ ୩୫ ଜ୍ୟୋତିର୍ବିଦ୍ୟାୟ ଏକକ ଦୂରତାରେ 'କୁଇପର ବଳୟ' ଅବସ୍ଥିତ। ସୂର୍ଯ୍ୟଠାରୁ ବହୁତ ଦୂରରେ ଥିବାରୁ ଏହା ହେଉଛି ଏକ ଅନ୍ଧାରୁଆ ଅଞ୍ଚଳ। ଏଠାରେ ଅନେକ କ୍ଷୁଦ୍ରପିଣ୍ଡ ସୂର୍ଯ୍ୟକୁ ପରିକ୍ରମଣ କରୁଛି। ଏଠାରେ ପ୍ଲୁଟୋ,ଇରିସ୍, ହାଇମିଆ ଓ ମାକେ ମାକେ ବାମନ ଗ୍ରହ ଅଛନ୍ତି। ଏଠାରେ ଧୂମକେତୁଗୁଡ଼ିକ ସୁପ୍ତ ଅବସ୍ଥାରେ ଥାଆନ୍ତି। କୌଣସି କ୍ଷେତ୍ର ଏହି ବଳୟର ନିକଟବର୍ତ୍ତୀ ହେଲେ ତାହାର ମାଧ୍ୟାକର୍ଷଣ ପ୍ରଭାବରେ କେତୋଟି ଧୂମକେତୁ ସେଠାରୁ ବାହାରି ଯାଇ ସୂର୍ଯ୍ୟକୁ ଅତି ଦୀର୍ଘାକାର କକ୍ଷରେ ପରିକ୍ରମଣ କରନ୍ତି।

ସୌରଜଗତରେ ଏକ ରହସ୍ୟମୟ ଅଞ୍ଚଳ ହେଉଛି 'ଉର୍ଟ ବାଦଲ'। ଏହା ସୂର୍ଯ୍ୟଠାରୁ ଦୁଇ ହଜାରରୁ ଏକ ଲକ୍ଷ ଜ୍ୟୋତିର୍ବିଦ୍ୟାୟ ଏକକ ଦୂରତାରେ ଅବସ୍ଥିତ। ଅତ୍ୟଧିକ ଥଣ୍ଡା ଯୋଗୁ ଏଠାରେ ଅନେକ ବରଫ ବସ୍ତୁପିଣ୍ଡ ଅଛି। ଆମେ ଏହା ବିଷୟରେ ପ୍ରାୟ କିଛି ଜାଣିନାହେଁ। ଗ୍ରହର ଉପଗ୍ରହ ନିକଟକୁ ଏବଂ କୁଇପର ବଳୟର କେତୋଟି ବସ୍ତୁପିଣ୍ଡ ନିକଟକୁ ମହାକାଶ ଯାନ ଯାଇ ତଥ୍ୟ ସଂଗ୍ରହ କରାଯାଇଛି। କିନ୍ତୁ ଉର୍ଟ ବାଦଲ ଅଞ୍ଚଳ ଆମ ପାଖରେ ଅଜଣା ଓ ରହସ୍ୟାବୃତ ହୋଇ ରହିଛି।

–ଲକ୍ଷ୍ମୀବିହାର ଫେଜ୍–୧, ଭୁବନେଶ୍ୱର
ମୋ: ୯୪୩୮୬୯୩୭୨୪








୧


୨



୩



୪


୫



୬


୭


୮


୯


୧୦

୧



ପ୍ରଜ୍ଞାନ ମିଶ୍ର
କ୍ଲାସ୍- ୮, ଡିଏଭି ପବ୍ଲିକ ସ୍କୁଲ, ବେଦାନ୍ତ ରୋଡ, ଝାରସୁଗୁଡା

୨

ଶ୍ରୀହାନ ଦାସ
କ୍ଲାସ୍- ୧, ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର



୩



ଆଦିତ୍ୟ ପ୍ରୀତମ
କ୍ଲାସ୍- ୭, ଓଡିଏମ୍ ପବ୍ଲିକ ସ୍କୁଲ, ପଟିଆ, ଭୁବନେଶ୍ୱର

୪

ଦେବାଂଶୁ ଆଚାର୍ଯ୍ୟ
କ୍ଲାସ୍- ୩, ବିବିଆଇଟି ପବ୍ଲିକ ସ୍କୁଲ, ବୁଗିବୁଗି, କୋଲକାତା



୫



ସାଗନିକ୍ କାଞ୍ଜିଲାଲ
କ୍ଲାସ୍-୯, ଡିଏଭି ପବ୍ଲିକ ସ୍କୁଲ, ଝାରସୁଗୁଡା

୬

ଶାଶ୍ୱତ ଖଣ୍ଡୁଆଳ
କ୍ଲାସ୍- ୪, ସେଣ୍ଟ ଜାଭିଅର୍ସ ହାଇସ୍କୁଲ, ଭିଏସ୍ଏସ୍ ନଗର, ଭୁବନେଶ୍ୱର



୭



ତନୟ ପଣ୍ଡା
କ୍ଲାସ୍- ୧, ପାଣ୍ଡାଲାମ ୟୁ ପି ସ୍କୁଲ, କଳାପଥର, ବାଙ୍କି, କଟକ

୮

ନିଦ୍ରାବତୀ କାର୍ଯ୍ୟୀ
କ୍ଲାସ୍-୮, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଚନ୍ଦ୍ରଗିରି, ଗଜପତି



୯



ଆଦ୍ୟାଶା ପରିଡା
କ୍ଲାସ୍-୫, ଡିପିଏସ୍ ସ୍କୁଲ୍, ଚାନ୍ଦୱାଲି, ବାରାଣସୀ

୧୦

ଉପମିତା ଦାସ
କ୍ଲାସ୍- ୧, ସରସ୍ୱତୀ ଶିଶୁ ମନ୍ଦିର, ଛତ୍ରପଡା, ଯାଜପୁର






## ଶୀତ

ଆସିଛି ଶୀତ ଆସିଛି
ପିନ୍ଧି ସୋରିଷ ଫୁଲର ପାଟ
କାକର ମୁକୁତା ଗେଣ୍ଡୁ ହାଟ
ସବୁଜ ସୁନ୍ଦର ଦିଶୁଛି ।
ବିଲ ମାଳରେ ସୁନା ଫସଲ
ଅମଳ ହେତୁ ମନ ଚଞ୍ଚଳ
ଚଷା ଖିଲିଖିଲି ହସୁଛି ।
ଜାନି ଯାତରା ପର୍ବପର୍ବାଣି
ଶୀତ ସଞ୍ଜରେ ଜେଜୀ କାହାଣୀ
କୁନାକୁନି ମନ ମୋହୁଛି ।
ପିନ୍ଧିଲେ ସଭିଏଁ ଶାଲ୍ ସ୍ୱେଟର୍
କନ୍ଥା କମ୍ବଳ ମୋଜା ମଫଲର୍
ଉହ୍ମେଇ ସବୁଠି ଜଳୁଛି ।
ନୂଆଁ ସୂରଜ କଅଁଳ ଖରା
ସକାଳ ଗାଧୁଆ ମନ ତୋରା
ଦେହ ପାଇଁ ହିତ ଲାଗୁଛି ।

**–ରାଜେଶ ପୂଜାରୀ**
କୁଶମେଲ, ଝାରସୁଗୁଡ଼ା
ମୋ: ୮୧୪୪୭୭୯୦୬୧

## ଆସିଲାଣି ଶୀତ

ଶୀତ ଆସିଲାଣି ଥିରି ଥିରି
ପବନ ବହୁଛି ଶିରି ଶିରି ।
ସକାଳୁ ସକାଳୁ ଭାରି ଜାଡ଼
ଫାଟିଲାଣି ମୁହଁ ଓଠ ଗୋଡ଼ ।
ସକାଳୁ କୁହୁଡ଼ି ଆସେ ଘନ
ନିଆଁ ପାଖେ ବୁଢ଼ାବୁଢ଼ୀ ମନ ।
ଖୋଜା ପଡ଼ିଲାଣି ସ୍ୱେଟର
ରାତିରେ କମ୍ବଳ ଦରକାର ।
ହାତକୁ ଗୋଡ଼କୁ ଲୋଡ଼ା ମୋଜା
କଅଁଳ ଖରାର ଭାରି ମଜା ।
ପନିପରିବାରେ କ୍ଷେତ ପୂର୍ଣ୍ଣ
ଚାଷୀଭାଇ ଆଖି ଲୁହ ଶୂନ୍ୟ ।

**–ପ୍ରଶାନ୍ତ କୁମାର ସାହୁ**
ଇନ୍ଦିପୁର, ଘଣାଶାଳ ସାହି, ଢେଙ୍କାନାଳ
ମୋ: ୯୭୭୭୦୯୦୦୫୬

## ଗେଣ୍ଡୁ ଫୁଲ

ଗେଣ୍ଡୁ ଫୁଲ ମୁଁ ଗେଣ୍ଡୁ ଫୁଲ
ହେବରେ କିଏ ମୋହରି ତୁଲ ।
ହଳଦୀ ପରିକା ମୋ ସୁନା ଦେହ
ସଭିଙ୍କ ମନରେ ଲଗାଏ ମୋହ ।
କଅଁଳ ପାଖୁଡ଼ା ମେଲି ମୁଁ ହସେ
ବାଡ଼ି ବଗିଚାରେ ଖୁସି ବରଷେ ।
ମଗୁଶୁର ମୋର ଭାରି ଆଦର
ଭିଜା କାକରେ ମୁଁ ଦିଶେ ସୁନ୍ଦର ।
ଫୁଟିଲେ ମୁହିଁ ଆସଇ ଶୀତ
ତିନି ପୁର ହସେ ଗାଇ ମୋ ଗୀତ ।
ମାର୍ଗଶିର ଅଟେ ମୋ ପାଇଁ ରାଜା
ଲକ୍ଷ୍ମୀଙ୍କ ପୂଜାରେ ପଡ଼େ ମୁଁ ଖୋଜା ।
ଗେଣ୍ଡୁ ଫୁଲ ମୁଁ ଗେଣ୍ଡୁ ଫୁଲ
ମୋହରି ମୂଲ ଅମୂଲ ମୂଲ ।

**–ରାମ ଚନ୍ଦ୍ର ପ୍ରଧାନ**
ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ: ୯୮୬୧୬୩୮୭୩୬

## ଶୀତର ଗୀତ

ଗହିର ବିଲେ ପାଚିଲାଧାନ
ଫୁଟିଲା ଗଛେ ଫୁଲ
ଶୀତ ସକାଳ କଅଁଳଖରା
ଗାଆଁଟି ଝଲମଲ ।
ଥରାଇଦେଲା ଦେହକୁ ଶୀତ
ସକାଳ ସଞ୍ଜେ ବେଶି
ରାଉତ ନରି ଶୀତକୁ ଡରି
ନିଆଁ ପୋଇଁଲା ବସି ।
ସଞ୍ଜ ଗଡ଼ିଲା ରାତି ବଢ଼ିଲା
ଶୀତ ଆସିଲା ମାଡ଼ି
ଶୀତକୁ ଡରି ନରମ ଶେଯେ
କୁନା ଛାଡ଼ିଲା ରଡ଼ି ।
ସରିନି କାମ ଶୋଇନି ବୋଉ
ନୀରବ ହେଲା ଗାଆଁ
ନଈ ସେପାରି ବଣରେ ଥାଇ
ବିଲୁଆ ଡାକେ ଛାଆଁ ।

**–ପ୍ରଶାନ୍ତ କୁମାର ଦାଶ**
କୁଞ୍ଜୀରସଙ୍ଗଳାଇ, ପିପିଲି, ପୁରୀ
ମୋ: ୯୬୬୮୮୨୨୧୯୦

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ




### କାର୍ ତଳେ ଲିମ୍ବୋ ସ୍କେଟିଙ୍ଗ୍

ଅଦମ୍ୟ ଇଚ୍ଛାଶକ୍ତି ଓ ପରିଶ୍ରମ ହିଁ ସବୁ କାମ କରିବା ପାଇଁ ସାହସ ଦେଇଥାଏ । ଏହାକୁ ପ୍ରମାଣ କରିଦେଖାଇଛନ୍ତି ଦେସ୍ନା ନାହାର । ତାଙ୍କର ଇଚ୍ଛାଶକ୍ତି ଆଗରେ ହାର ମାନିଛି ବୟସ । ପୁଣେର ୭ବର୍ଷର ଝିଅ ଦେସ୍ନା ୧୩ ସେକେଣ୍ଡରେ ୨୦ଟି କାର୍ ତଳେ ସ୍କେଟିଙ୍ଗ୍ କରିଛନ୍ତି । ୧୯୩ ଫୁଟ୍ ଲମ୍ବା ସ୍କେଟିଂ କରିବାକୁ ତାଙ୍କୁ ୧୩ ସେକେଣ୍ଡ ସମୟ ଲାଗିଛି । ଦେସ୍ନାଙ୍କର ଏହି ଆଶ୍ଚର୍ଯ୍ୟକର ପ୍ରଦର୍ଶନ ଲାଗି ସେ ଗିନିଜ୍ ରେକର୍ଡ୍ସରେ ସ୍ଥାନ ପାଇଛନ୍ତି । ଗତ ଦୁଇ ବର୍ଷ ହେଲା ସେ ଲିମ୍ବୋ ସ୍କେଟିଙ୍ଗ୍ ଅଭ୍ୟାସ କରୁଛନ୍ତି । ଦେଶର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେଉଥିବା କାର୍ଯ୍ୟକ୍ରମରେ ସେ ଭାଗ ନେଇଛନ୍ତି ଏବଂ କୃତୀ ପ୍ରତିଯୋଗୀ ଭାବେ ୪୦ଟି ମେଡାଲ ସହ ୧୬ଟି ସାର୍ଟିଫିକେଟ୍ ହାସଲ କରିଛନ୍ତି । ପୂର୍ବରୁ ଚାଇନାର ଜଣେ ୧୪ବର୍ଷୀୟ ଝିଅ କରିଥିବା ଏହି ରେକର୍ଡକୁ ଦେସ୍ନା ଭାଙ୍ଗି ନୂଆ ରେକର୍ଡ ସ୍ଥାପନ କରିଛନ୍ତି ।

## ଏଥରର

- ଆମ ଦେଶର ସମ୍ବିଧାନ କେତୋଟି ଭାଷାକୁ ସ୍ୱୀକୃତି ପ୍ରଦାନ କରିଛି ?
- କେଉଁ ଭାରତୀୟ ପ୍ରଥମେ ନୋବେଲ ଶାନ୍ତି ପୁରସ୍କାର ପାଇଛନ୍ତି ?
- କ୍ଷେତ୍ରଫଳ ଅନୁସାରେ ଭାରତର ସବୁଠାରୁ ବଡ଼ ରାଜ୍ୟର ନାମ ?
- ଭାରତର ଫ୍ଲାଇଙ୍ଗ୍ ଶିଖ୍ ଭାବେ କିଏ ପରିଚିତ ?
- କେଉଁ ମସିହାରେ ଭାରତ ସର୍ବାଧିକ ଅଲିମ୍ପିକ ମେଡାଲ ପାଇଥିଲା ?

ଉ ତ ର

## ଗତଥରର

- ଲୋକ ସଭା ଓ ରାଜ୍ୟ ସଭା
- ଗୋଆ
- ବାଲ୍ମୀକି
- ଯୋଧପୁର
- ଆଫଗାନିସ୍ଥାନ

## କହିଲ ଦେଖି

ପିଲାଠୁଁ ବୁଢ଼ା ସଭିଙ୍କ ପାଇଁ
ଉଷୁମ ସ୍ପର୍ଶ ଦିଅଇ ସେହି
ଉଲରେ ଗଢ଼ା ଦେହଟି ତା'ର
ଶୀତରେ ହୁଏ ତା' ବ୍ୟବହାର
ଉତ୍ତାପ ଭରା ପୋଷାକ ସିଏ
ନାମଟି ତାହାର କହିବ କିଏ



**ଉ- ସ୍ୱେଟର**

ଶୀତ ଆସିଲେ ଖୋଜା ପଡ଼ଇ
ମୁଣ୍ଡ ସାଥିରେ କାନ ଢାଙ୍କଇ
ସହଜେ ଥଣ୍ଡା ପାରେନି ଛୁଇଁ
ବିରୋଧ କରେ ମୁଣ୍ଡରେ ରହି
ଖରାଟି ଯେବେ ଆସଇ ଚାଲି
କାନ୍ଧରେ ସିଏ ପାରଇ ଝୁଲି
ଅତି ସୁନ୍ଦର ଦରବ ସିଏ
ନାମଟି ତାହାର କହିବ କିଏ ।



**ଉ- ମଫଲର୍**

ଶୀତ ସକାଳେ ଆସଇ ସିଏ
ବିନା ବର୍ଷାରେ ଭିଜେଇ ଦିଏ
ସୂରୁଜ ଯେବେ ଆକାଶେ ଉଏଁ
ଧରାରୁ ସିଏ ବିଦାୟ ନିଏ ।



**ଉ- କୁହୁଡ଼ି**

ଶୀତ ସକାଳେ ତାହାରି ମୋହ
ସଜାଏ ସିଏ ଘାସର ଦେହ
ଘାସ ଉପରେ ଯେବେ ସେ ବସେ
ମୁକୁତା ପରି ଝଲସି ଦିଶେ ।



**ଉ- କାକର**

**–ପ୍ରଶାନ୍ତ କୁମାର ନାଥ**
ସୁନ୍ଦରପୁର, ପ୍ରୀତିପୁର, ଯାଜପୁର
ମୋ: ୮୮୯୨୩୦୧୧୪୩

# ଜଣା ଅଜଣା



### କଙ୍ଗାରୁର ଲାଙ୍ଗୁଡ଼ ତା'ର ତୃତୀୟ ଗୋଡ଼ ପରି କାମ କରେ

କଙ୍ଗାରୁର ଲାଙ୍ଗୁଡ଼ ନିଜ ଶରୀରକୁ ସନ୍ତୁଳନ ରକ୍ଷା କରିବାରେ ସାହାଯ୍ୟ କରେ । ତା' ସହ ଏହା ତୃତୀୟ ଗୋଡ଼ ପରି କାମ କରିଥାଏ । ଯଦି ଜଣେ କଙ୍ଗାରୁର ଲାଙ୍ଗୁଡ଼କୁ ଟେକିଧରିବ, ତେବେ ସେ ଡେଇଁପାରିବ ନାହିଁ । ଏମାନଙ୍କର ଗତି ଘଣ୍ଟା ପ୍ରତି ପ୍ରାୟ ୩୨ କିମି । ଏମାନଙ୍କ ଗ୍ରୁପ୍‌କୁ 'ମବ୍' କୁହାଯାଏ । ଏମାନେ ଅଧିକ ଦିନ ପର୍ଯ୍ୟନ୍ତ ପାଣି ନ ପିଇ ବଞ୍ଚିପାରନ୍ତି ।

### ପାଣ୍ଡା ଦୌଡ଼ିପାରେ ନାହିଁ

ପାଣ୍ଡା ଦ୍ରୁତ ଗତିରେ ଦୌଡ଼ିପାରେ ନାହିଁ । ଏମାନେ ପାଣିରେ ଭଲ ଭାବେ ପହଁରିପାରନ୍ତି । ଜନ୍ମ ସମୟରେ ପାଣ୍ଡା ଛୁଆ ମୂଷାଠୁ ବି ଛୋଟ ହୋଇଥାଏ । ପାଣ୍ଡା ଶାବକ ଜନ୍ମର ପ୍ରାୟ ୪-୬ ସପ୍ତାହ ପରେ ଆଖି ଖୋଲିଥାନ୍ତି । ପ୍ରାୟ ୨-୩ବର୍ଷ ପର୍ଯ୍ୟନ୍ତ ପାଣ୍ଡା ଶାବକର ଯତ୍ନ ତାହାର ମା' ନେଇଥାଏ । ଏକ ବୟସ୍କ ପାଣ୍ଡାର ଲୋମ ୪ ଇଞ୍ଚ ପର୍ଯ୍ୟନ୍ତ ବଢ଼ିଥାଏ ।





### ଜନ୍ମ ହେବା ସମୟରେ ମୟୁରର ପୁଚ୍ଛ ନ ଥାଏ

ଜନ୍ମ ହେବା ପରେ ମୟୂର ଛୁଆଙ୍କର ପୁଚ୍ଛ ନ ଥାଏ । ଏମାନଙ୍କୁ ଯେତେବେଳେ ଦୁଇବର୍ଷ ହୁଏ, ଏମାନଙ୍କ ପୁଚ୍ଛ ଧୀରେ ଧୀରେ ବିକଶିତ ହେବାକୁ ଲାଗେ । ଏମାନଙ୍କର ପୁଚ୍ଛକୁ 'ଟ୍ରେନ୍' କୁହାଯାଏ । ସାଧାରଣତଃ ମୟୂର ତିନୋଟି ପ୍ରଜାତିର- ବ୍ଲୁ ପିକକ୍, ଗ୍ରୀନ୍ ପିକକ୍ ଓ କଙ୍ଗୋ ପିକକ ଦେଖାଯା'ନ୍ତି । ଗୋଟିଏ ମୟୂର ଥରକେ ୩-୬ଟି ଅଣ୍ଡା ଦେଇଥାଏ । ଏମାନେ ଦ୍ୱିପ୍ରହର ସମୟରେ ଅଣ୍ଡା ଦେବାକୁ ପସନ୍ଦ କରନ୍ତି ।

### ପ୍ଲାଟିପସ୍ ଅଣ୍ଡା ଦିଏ

ପ୍ଲାଟିପସ ଏକ ସ୍ତନ୍ୟପାୟୀ ପ୍ରାଣୀ ହୋଇଥିଲେ ବି ଅଣ୍ଡା ଦେଇଥାନ୍ତି । ଏମାନେ ଦିନକ ମଧ୍ୟରେ ପ୍ରାୟ ୧୪ ଘଣ୍ଟା ଶୋଇଥାନ୍ତି । ଅବଶିଷ୍ଟ ସମୟ ଏମାନେ ଶିକାରରେ ବ୍ୟସ୍ତ ରୁହନ୍ତି । ଗଭୀର ପାଣିରେ ବୁଡି ଏମାନେ ସହଜରେ ଶିକାର କରିଥାନ୍ତି । ପାଣିରେ ଥିବା ସମୟରେ ଏମାନେ ନିଜର ଆଖି, ନାକ ଓ କାନକୁ ଢାଙ୍କି ଦେଇଥାନ୍ତି । ଏମାନେ ଏକ ମାଂସାହାରୀ ପ୍ରାଣୀ । ଜଳବାୟୁ ପରିବର୍ତ୍ତନ କାରଣରୁ ଏମାନଙ୍କ ସଂଖ୍ୟା ବିଲୁପ୍ତ ହେବାକୁ ବସିଲାଣି ।



# ଆ ଇ ନା



କିରଭୀ ଶତପଥୀ
୩ ବର୍ଷ / ଭୁବନେଶ୍ୱର



ଆୟୁଶା ପଟ୍ଟନାୟକ
୧୦ ବର୍ଷ / ଖୋର୍ଦ୍ଧା